# NATIONAL NEWS BULLETIN (ODIA)

## 15 June - 2025

## Morning Bulletin : 7.15 A.M.

******************************************************

## ମୁଖ୍ୟ ସମ୍ବାଦ

- ସାଇପ୍ରସ୍, କାନାଡ଼ା ଏବଂ କ୍ରୋଏସିଆକୁ ଆଜିଠାରୁ ୫ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ୨୦୨୯ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବ ଭାରତ - କହିଲେ କେନ୍ଦ୍ର ଜଳପଥ ଓ ଜାହାଜ ଚଳାଚଳ ମନ୍ତ୍ରୀ ।
- ସିକ୍କିମର ଗ୍ୟାଙ୍ଗଟକ୍‌ରେ ଆଜି ପହଞ୍ଚିବେ କୈଳାସ ମାନସରୋବର ଯାତ୍ରାର ପ୍ରଥମ ବ୍ୟାଚ୍ ତୀର୍ଥଯାତ୍ରୀ ।
- ଆମେରିକା ଓ ଇରାନ୍ ମଧ୍ୟରେ ପ୍ରସ୍ତାବିତ ଅଣୁଚୁକ୍ତି ଆଲୋଚନା ବାତିଲ ।

ଏବଂ

- ଚଳିତମାସ ୧୯ ତାରିଖରେ କାର୍ଯ୍ୟକାରୀ ହେବ ଏକ୍‌ଜିଓମ-୪ ମିଶନ ।

# ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୫ ଦିନିଆ ସାଇପ୍ରସ, କାନାଡ଼ା ଓ କ୍ରୋଏସିଆକୁ ଗସ୍ତରେ ଯାଉଛନ୍ତି । ସାଇପ୍ରସ ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୋ ଉଲିଡ୍ସଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାମନ୍ତ୍ରୀ ଆଜି ସାଇପ୍ରସକୁ ସରକାରୀ ଗସ୍ତରେ ଯିବେ । ଦୁଇଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ସାଇପ୍ରସକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଗସ୍ତ । ନିକୋସିଆରେ ଥିବା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାଇପ୍ରସ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ । ଏହି ଅବସରରେ ସେ ଲିମାସୋଲରେ ବିଶିଷ୍ଟ ବ୍ୟବସାୟୀକ ନେତୃତ୍ୱଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ସହ ଭୂମଧ୍ୟସାଗରୀୟ ଅଞ୍ଚଳ ତଥା ୟୁରୋପୀୟ ସଂଘ ସହିତ ଭାରତର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଦୁଇଦେଶର ସହଭାଗୀ ପ୍ରତିବଦ୍ଧତାକୁ ଦୋହରାଇବ ବୋଲି ଆଶା କରାଯାଉଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ନିମନ୍ତ୍ରଣ କ୍ରମେ ଆସନ୍ତାକାଲି ଜି-୭ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ କାନାଡ଼ାର କାନାନାସ୍କିସ୍ ଯାତ୍ରା କରିବେ । ଏହା ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ କ୍ରମାଗତ ଷଷ୍ଠ ଅଂଶଗ୍ରହଣ ହେବ । ଏହି ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୭ ରାଷ୍ଟ୍ରର ନେତାମାନଙ୍କ ସମେତ ଅନ୍ୟ ଆମନ୍ତ୍ରିତ ଦେଶ ତଥା ଅନ୍ତର୍ଜାତୀୟ

ସଂଗଠନର ମୁଖ୍ୟମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ । ବିଶେଷକରି ଶକ୍ତି ସୁରକ୍ଷା, ପ୍ରଯୁକ୍ତି ବିଦ୍ୟା ଓ ନବସୃଜନ, କୃତ୍ରିମ ବୁଦ୍ଧିମତା-ଶକ୍ତି ସମ୍ମିଶ୍ରଣ ଏବଂ କ୍ୱାଣ୍ଟମ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ହେବ ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୮ ତାରିଖରେ କ୍ରୋଏସିଆକୁ ସରକାରୀ ଗସ୍ତରେ ଯିବେ । ଏଠାକୁ ମଧ୍ୟ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ ହେବ, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ସ୍ଥାପନ କରିବ । ପ୍ରଧାନମନ୍ତ୍ରୀ ତାଙ୍କ କ୍ରୋଏସିଆ ପ୍ରତିପକ୍ଷ ଆଣ୍ଡ୍ରେଜ୍ ପ୍ଲେନ୍‌କୋଭିକ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ରୋଏସିଆ ରାଷ୍ଟ୍ରପତି ଜୋରାନ ମିଲାନୋ ଭିକ୍ସଙ୍କୁ ମଧ୍ୟ ସାକ୍ଷାତ୍ କରିବେ ।

## ସୋନୱାଲ-ଇଣ୍ଡିଆ ଇକୋନୋମି

୨୦୨୯ ମସିହା ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି କେନ୍ଦ୍ର ଜଳପଥ ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି । ଗତ ୧୧ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ଅଭିଯାନ ଯୋଗୁଁ ଦେଶ ଦ୍ରୁତଗତିରେ ବିକାଶପଥରେ ଆଗେଇ ଚାଲିଛି । ଏନ୍‌ଡିଏ ସରକାରଙ୍କ ୧୧ବର୍ଷ ପୂର୍ତ୍ତି ଅବସରରେ ଡିବ୍ରୁଗଡଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସୋନୱାଲ କହିଛନ୍ତି ଦେଶ ଏବେ ପୂର୍ବ ସମୟର ବଂଶବାଦ ଶାସନରୁ ବାହାରି ବିକାଶମୂଳକ କାର୍ଯ୍ୟ ଦିଗରେ ଅଗ୍ରସର ହେଉଛି । ସେ କହିଛନ୍ତି ଗତ ୧୦

ବର୍ଷ ମଧ୍ୟରେ ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟମୁକ୍ତ ହୋଇଥିବାବେଳେ ୨୦୨୯ ସୁଦ୍ଧା ଭାରତ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ଷ୍ଟାର୍ଟଅପ୍ ଇକୋ ସିଷ୍ଟମ ସମ୍ପର୍କରେ ଶ୍ରୀ ସୋନଓ୍ୱାଲ କହିଛନ୍ତି ୨୦୧୪ ମସିହାରେ ୩୦ହଜାର ଷ୍ଟାର୍ଟଅପ୍ ଥିବାବେଳେ ଏବେ ଏହା ୧ଲକ୍ଷକୁ ବୃଦ୍ଧିପାଇଛି । ଦେଶ ମଧ୍ୟରେ ସଡ଼କପଥ, ରେଳବାଇ, ଇଣ୍ଟରନେଟ୍ ସଂଯୋଗୀକରଣ ଭଳି ବୃହତ୍ ପ୍ରକଳ୍ପଗୁଡ଼ିକ ଦ୍ରୁତଗତିରେ ଆଗେଇ ଚାଲିଥିବାବେଳେ ଯୋଗୀଘୋପା, ଧୁବ୍ରି, ପାଣ୍ଡୁ ଏବଂ ଦିବ୍ରୁଗଡ଼ରେ ନଦୀବନ୍ଦର ଯୋଜନା ଆସାମକୁ ବିଶ୍ୱବାଣିଜ୍ୟ କ୍ଷେତ୍ରରେ ଆଗକୁ ନେବ ।

## କୈଳାଶ ମାନସରୋବର ଯାତ୍ରା

କୈଳାସ ମାନସରୋବର ଯାତ୍ରାର ପ୍ରଥମ ବ୍ୟାଚ୍ ତୀର୍ଥଯାତ୍ରୀ ଆଜି ସିକ୍କିମର ଗ୍ୟାଙ୍ଗଟକ୍‌ରେ ପହଞ୍ଚିବେ । ସିକ୍କିମ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରିବା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି । ୫ ବର୍ଷର ବ୍ୟବଧାନ ପରେ ଚଳିତମାସ ୨୦ ତାରିଖରେ କୈଳାସ ମାନସରୋବର ଯାତ୍ରା ଆରମ୍ଭ ହେବାକୁ ଯାଉଛି । ଆକାଶବାଣୀ ସହ କଥାବାର୍ତ୍ତା ବେଳେ ଆସାମର ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ସିଏସ୍ ରାଓ କହିଛନ୍ତି ଏହି ଯାତ୍ରାର ପ୍ରଥମ ଦଳରେ ୩୫ଜଣ ଯାତ୍ରୀଙ୍କ ସହିତ ସରକାରୀ କର୍ମଚାରୀମାନେ ଆଜି ପହଞ୍ଚିବେ । ସେମାନଙ୍କୁ ୪ ଦିନ ଲାଗି ମିଲେ ଏବଂ ସେରଥାଙ୍ଗରେ ରଖାଯିବ । ଏହି ସମୟରେ ବରିଷ୍ଠ ପ୍ରତିରକ୍ଷା ଓ ସରକାରୀ ଅଧିକାରୀମାନେ ସେମାନଙ୍କୁ ଯାତ୍ରା ସମୟର ସୂଚନା ପ୍ରଦାନ କରିବେ । ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ ନାଥୁଲା ଗିରିପଥରୁ ଏହି ଯାତ୍ରାର ଶୁଭାରମ୍ଭ କରିବେ । ଶ୍ରୀ ରାଓ କହିଛନ୍ତି ତୀର୍ଥଯାତ୍ରୀମାନଙ୍କୁ ସମସ୍ତ ମେଡ଼ିକାଲ ସହାୟତା

ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟରେ ବିଭିନ୍ନ ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ସହଯୋଗ କରୁଛନ୍ତି । ଗୋଟିଏ ଦଳ ଯାତ୍ରା କରିବା ଲାଗି ପ୍ରାୟ ୧୧ରୁ ୧୨ ଦିନ ସମୟ ଲାଗିବ । ସୂଚନା ଅନୁଯାୟୀ ଚଳିତବର୍ଷ ୧୦ଟି ବ୍ୟାଚ୍‌ରେ ତୀର୍ଥଯାତ୍ରୀମାନେ କୈଳାସ ମାନସରୋବର  ଯାତ୍ରା କରିବେ ।

## ୟୁଏସ୍-ଇରାନ ନ୍ୟୁକ୍ଲିୟର ଟକ୍

ଆମେରିକା ଏବଂ ଇରାନ୍ ମଧ୍ୟରେ ଆଜି ମସ୍କାଟ୍‌ଠାରେ ହେବାକୁ ଥିବା ଷଷ୍ଠ ପର୍ଯ୍ୟାୟ ପରମାଣୁ ବୁଝାମଣା ଆଲୋଚନା ବାତିଲ ହୋଇଛି । ଏଥିରେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଥିବା ଓମାନ୍ ଇସ୍ରାଏଲ ଆକ୍ରମଣ ନେଇ ଏହି ଆଲୋଚନା ବାତିଲ ହୋଇଥିବା ସୂଚନା ଦେଇଛି । ଇସ୍ରାଏଲର ଅତର୍କିତ ଆକ୍ରମଣ ଫଳରେ ଇରାନ୍‌ର ପରମାଣୁ ସ୍ଥଳୀଗୁଡ଼ିକ ନଷ୍ଟ ହେବା ସହ ବହୁ ବରିଷ୍ଠ କମାଣ୍ଡର ଓ ବୈଜ୍ଞାନିକମାନଙ୍କ ମୃତ୍ୟୁ ଘଟିଛି । ଆମେରିକା ଏବଂ ଇରାନ୍ ମଧ୍ୟରେ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ ଲାଗି ଆଲୋଚନା କରିବାକୁ ଓମାନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ସାମାଜିକ ଗଣମାଧ୍ୟମ ଏକ୍ସରେ ଓମାନର ବୈଦେଶିକ ମନ୍ତ୍ରୀ ବଦର ଅଲବୁ ସୟିଦି କହିଛନ୍ତି ଆଜି ହେବାକୁ ଥିବା ଆଲୋଚନାକୁ ବାତିଲ କରାଯାଇଛି ଏବଂ ଏହି ବିବାଦର ସମାଧାନ ଲାଗି ଉଭୟପକ୍ଷ ମଧ୍ୟରେ କୂଟନୈତିକ ଆଲୋଚନା ଏକମାତ୍ର ବିକଳ୍ପ ରହିଛି ।

# ଇରାନ୍-ଇସ୍ରାଏଲ୍ ଓ୍ୱାର୍

ଇସ୍ରାଏଲ୍ ଏବଂ ଇରାନ୍ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜୋର୍‌ଦାର କରିଛନ୍ତି । ତେଲ୍ ଆଭିବ୍, ଜେରୁଜେଲମ୍ ଏବଂ ତେହେରାନ୍‌ରେ ବିସ୍ଫୋରଣ ହୋଇଛି । ଇରାନ୍ ଉପରେ ଇସ୍ରାଏଲ୍ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଇରାନ୍ ପକ୍ଷରୁ ଇସ୍ରାଏଲ୍‌ର ବିଭିନ୍ନ ଅଞ୍ଚଳକୁ ଲକ୍ଷ କରି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା । ଏଥିରେ ଅତି କମ୍‌ରେ ତିନି ଜଣ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି । ଇରାନ୍‌ର ସରକାରୀ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍‌ର ଆକ୍ରମଣରେ ଇରାନୀ ସଶସ୍ତ୍ର ବାହିନୀର ଜେନେରାଲ୍ ଷ୍ଟାଫ୍‌ର ଦୁଇ ଜଣ ଡେପୁଟି କମାଣ୍ଡର ପ୍ରାଣ ହରାଇଛନ୍ତି ।

ସୂଚନାଯୋଗ୍ୟ ଇରାନ୍ ଉପରେ ଇସ୍ରାଏଲ୍ କରିଥିବା ଆକ୍ରମଣରେ ସାମରିକ ଅଧିକାରୀଙ୍କ ସମେତ ଅତି କମ୍‌ରେ ୭୮ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଇରାନ୍ ଦେଶବ୍ୟାପି ସମସ୍ତ ବିମାନ ଉଡ଼ାଣକୁ ସ୍ଥଗିତ ରଖିଛି । ଇସ୍ରାଏଲ୍‌ର ବେନ୍ ଗୁରିୟନ୍ ଆନ୍ତର୍ଜାତିକ ବିମାନ ବନ୍ଦର ମଧ୍ୟ ବନ୍ଦ ରହିଥିବା ଜଣାପଡ଼ିଛି । ଆମେରିକା, ବ୍ରିଟେନ୍ ଏବଂ ଫ୍ରାନ୍ସକୁ ଇସ୍ରାଏଲ୍‌କୁ ସମର୍ଥନ ନ କରିବାକୁ ତେହେରାନ୍ ଚେତାବନୀ ଦେଇଛି ।

# ଇରାନ୍-ଇସ୍ରାଏଲ୍ ଓ୍ୱାର୍

ଇସ୍ରାଏଲ୍ ଏବଂ ଇରାନ୍ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଜୋର୍‌ଦାର କରିଛନ୍ତି । ତେଲ୍ ଆଭିବ୍, ଜେରୁଜେଲମ୍ ଏବଂ ତେହେରାନ୍‌ରେ ବିସ୍ଫୋରଣ ହୋଇଛି । ଇରାନ୍ ଉପରେ ଇସ୍ରାଏଲ୍ ଆକ୍ରମଣର ପ୍ରତିଶୋଧ

ସ୍ୱରୂପ ଇରାନ୍ ପକ୍ଷରୁ ଇସ୍ରାଏଲ୍‌ର ବିଭିନ୍ନ ଅଞ୍ଚଳକୁ ଲକ୍ଷ କରି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା । ଏଥିରେ ଅତି କମ୍‌ରେ ତିନି ଜଣ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି । ଇରାନ୍‌ର ସରକାରୀ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍‌ର ଆକ୍ରମଣରେ ଇରାନୀ ସଶସ୍ତ୍ର ବାହିନୀର ଜେନେରାଲ୍ ଷ୍ଟାଫ୍‌ର ଦୁଇ ଜଣ ଡେପୁଟି କମାଣ୍ଡର ପ୍ରାଣ ହରାଇଛନ୍ତି ।

ସୂଚନାଯୋଗ୍ୟ ଇରାନ୍ ଉପରେ ଇସ୍ରାଏଲ୍ କରିଥିବା ଆକ୍ରମଣରେ ସାମରିକ ଅଧିକାରୀଙ୍କ ସମେତ ଅତି କମ୍‌ରେ ୭୮ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଇରାନ୍ ଦେଶବ୍ୟାପି ସମସ୍ତ ବିମାନ ଉଡ଼ାଣକୁ ସ୍ଥଗିତ ରଖିଛି । ଇସ୍ରାଏଲ୍‌ର ବେନ୍ ଗୁରିୟନ୍ ଆନ୍ତର୍ଜାତିକ ବିମାନ ବନ୍ଦର ମଧ୍ୟ ବନ୍ଦ ରହିଥିବା ଜଣାପଡ଼ିଛି । ଆମେରିକା, ବ୍ରିଟେନ୍ ଏବଂ ଫ୍ରାନ୍ସକୁ  ଇସ୍ରାଏଲ୍‌କୁ ସମର୍ଥନ ନ କରିବାକୁ ତେହେରାନ୍ ଚେତାବନୀ ଦେଇଛି । ଇରାନ୍‌ର ସରକାରୀ ଗଣମାଧ୍ୟମ କହିଛି, ଏହି ଚେତାବନୀର ଉଲ୍ଲଙ୍ଘନ ହେଲେ ତେନେହରାନ୍ ସେହି ରାଷ୍ଟ୍ରଗୁଡ଼ିକର ସାମରିକ ଘାଟି ଏବଂ ବନ୍ଦର ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରିବ ।

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନ ଉପରେ କୂଟନୈତିକ ଚାପ ବୃଦ୍ଧି କରିଛନ୍ତି । ସେ କହିଛନ୍ତି ଯଦି ଆମେରିକା ସହ ଇରାନ ଆଣବିକ ଚୁକ୍ତି ନେଇ କୌଣସି ପଦକ୍ଷେପ ନନିଏ ତେବେ ଆକ୍ରମଣ ଜୋର୍‌ଦାର କରାଯିବ । ଅନ୍ୟପକ୍ଷରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ ତେହେରାନ୍‌ର ସାମରିକ ଘାଟୀ ଗୁଡ଼ିକୁ ଲକ୍ଷ୍ୟକରି ଆକ୍ରମଣକୁ ତୀବ୍ରତର କରାଯିବା ଲାଗି ସୂଚନା ମିଳିବା ପରେ ଇରାନ୍ ସେନା ଇସ୍ରାଏଲର ବିଭିନ୍ନ

ସହର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିବା ନେଇ ଘୋଷଣା କରଛି । ତେବେ ଇସ୍ରାଏଲ ପକ୍ଷରୁ ବହୁ କ୍ଷେପଣାସ୍ତ୍ରକୁ ନଷ୍ଟ କରିଦିଆଯାଇଛି ।

## ଏକ୍‌ଜିଓମ୍‌-୪ ମିଶନ

ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ନେଇ ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯିବାକୁ ଥିବା ଏକ୍‌ଜିଓମ-୪ ମିଶନ ଆସନ୍ତା ୧୯ ତାରିଖରେ କାର୍ଯ୍ୟକାରୀ ହେବ । ଏହି ମିଶନରେ ଦେଖାଦେଇଥିବା ତ୍ରୁଟି ସମାଧାନ ହେବାପରେ ନୂଆ ତାରିଖ ଘୋଷଣା କରାଯାଇଛି । ଇସ୍ରୋ, ଏକ୍‌ଜିଓମ ସ୍ପେସ୍ ଏବଂ ସ୍ପେସେକ୍ସ ମଧ୍ୟରେ ବୈଠକ ପରେ ଫାଲ୍‌କନ-୯ରେ ଦେଖାଦେଇଥିବା ତରଳ ଅକ୍ସିଜେନ୍ ଲିକ୍ ସମସ୍ୟା ସମାଧାନ ହୋଇଥିବା ଜଣାପଡିଛି । ଗତ ୧୧ ତାରିଖରେ ଏକ୍‌ଜିଓମ-୪ ଲଞ୍ଚ ହେବାକୁ ଥିବାବେଳେ ଏହି ତ୍ରୁଟି ଦେଖାଦେଇଥିଲା । ଏହି ମିଶନ ସଫଳ ହେଲେ ଅନ୍ତର୍ଜାତୀୟ ମହାକାଶକେନ୍ଦ୍ରକୁ ଯାତ୍ରା କରିବାରେ ଶୁଭାଂଶୁ ଶୁକ୍ଲା ପ୍ରଥମ ଭାରତୀୟ ମହାକାଶଚାରୀଭାବେ ୧୯୮୪ ମସିହାରେ ମହାକାଶଚାରୀ ରାକେଶ ଶର୍ମାଙ୍କ ପରେ ଶ୍ରୀ ଶୁକ୍ଲା ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାତ୍ରା କରିବେ । ଏହି ୧୪ଦିନିଆ ଅଭିଯାନରେ ଶୁଭାଂଶୁ ଶୁକ୍ଲା ମହାକାଶରେ ଇସ୍ରୋ ଏବଂ ନାସା ସହାୟତାରେ ଅନେକ ଗୁଡ଼ିଏ ବୈଜ୍ଞାନିକ ପରୀକ୍ଷା-ନିରୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

## ଇସ୍ରୋ-ୟୁପି ରକେଟ୍ ଲଞ୍ଚ

ଭାରତୀୟ ମହାକାଶ ଅନୁସନ୍ଧାନ ପ୍ରତିଷ୍ଠାନ ପକ୍ଷରୁ ଗତକାଲି ଉତ୍ତରପ୍ରଦେଶର କୁସିନଗରଠାରେ ରକେଟ୍ ଲଞ୍ଚ ପରୀକ୍ଷଣ କରାଯାଇଛି ।

ଉତ୍ତରପ୍ରଦେଶରୁ ପ୍ରଥମଥର ଲାଗି ଏକ ରକେଟ୍ ସହାୟତାରେ ଏହି ପରୀକ୍ଷଣ କରାଯାଇଥିବା ଜଣାଯାଇଛି । ଥ୍ରିଷ୍ଟଟେକ୍ ଇଣ୍ଡିଆ ଲିମିଟେଡ୍ର ମିଳିତ ସହଯୋଗରେ ଗତକାଲି ସଂଧ୍ୟା ୫ଟା ୧୪ ମିନିଟ୍ରେ ସଫଳତାର ସହ ଏହି ପରୀକ୍ଷଣ କରାଯାଇଛି । ଗତବର୍ଷ ଅକ୍ଟୋବର-ନଭେମ୍ବର ମାସରେ କରାଯାଇଥିବା ପରୀକ୍ଷଣର ଏହା ବର୍ଦ୍ଧିତ ସଂସ୍କରଣ । ଥ୍ରିଷ୍ଟଟେକ୍ ଇଣ୍ଡିଆର ନିର୍ଦ୍ଦେଶକ ବିନୋଦ କୁମାର କହିଛନ୍ତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ମହାକାଶ ପ୍ରଯୁକ୍ତି ବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଶାହା-ମଧ୍ୟପ୍ରଦେଶ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଦେଶ ପାଇଁ ଜାତୀୟ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ଏବଂ ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବାକୁ ଚେଷ୍ଟା କରାଗଲେ ଏହାର କଡ଼ା ଜବାବ ଦିଆଯିବ । ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ସରକାର ଦେଶର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି ଦଳ ଏବଂ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବା ଲାଗି ସରକାର ସୁଶାସନ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇଆସିଛନ୍ତି । ଗତକାଲି ମଧ୍ୟପ୍ରଦେଶର ପାଚମାଡିରେ ଦଳୀୟ ସାଂସଦ ଏବଂ ବିଧାୟକମାନଙ୍କ ପ୍ରଶିକ୍ଷଣ ଶିବିରରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ଶାହା ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ଭାଇ ରୂପାନି ଏବଂ ଅନ୍ୟ ମୃତକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ହକି

ହକି ପ୍ରତିଯୋଗିତାରେ ଭାରତୀୟ କନିଷ୍ଠ ମହିଳା ଦଳ ୨-୧ରେ ଆଗୁଆ ରହିଛି । ବେଲଜିୟମର କୋର୍ଣ୍ଣିଚ୍‌ଠାରେ ଅନୁଷ୍ଠିତ ଚତୁର୍ଥ ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଅନ୍ୟପକ୍ଷରେ ବରିଷ୍ଠ ଦଳର ଉଭୟ ମହିଳା ଓ ପୁରୁଷ ଟିମ୍ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା । ମଙ୍ଗଳବାରଦିନ ନେଦରଲ୍ୟାଣ୍ଡ ସହ ଭାରତ ଫାଇନାଲ ମ୍ୟାଚ୍ ଖେଳିବ ।